# ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା

ଆଦେଶ ସଂ ୩୭୬ / ନିବନ୍ଧନ ତା ୨୧/୦୭/୨୦୨୫ ରିଖ

## ସୂଚନା

ଏତଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ଷ୍ଟାମ୍ପ (ସଂଶୋଧନ) ନିୟମ ୨୦୦୧ ଏବଂ ତତ୍ ପଶ୍ଚାତ ଷ୍ଟାମ୍ପ (ସଂଶୋଧନ) ନିୟମ ୨୦୧୮ ଓ ୨୦୨୫ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ଉପଖଣ୍ଡ ସ୍ତରୀୟ ମୂଲ୍ୟାୟନ କମିଟି ସ୍ଥିର କରିଥିବା ଅସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ଜିଲ୍ଲା ମୂଲ୍ୟାୟନ କମିଟି ଦ୍ୱାରା ଅନୁମୋଦିତ କରାଯାଇଅଛି । ବର୍ତ୍ତମାନ ଏହା ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ସମସ୍ତ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କର ନିରୀକ୍ଷଣ ନିମନ୍ତେ ଉପଲବ୍ଧ ଅଛି ।

ଜିଲ୍ଲା ମୂଲ୍ୟାୟନ କମିଟି ଦ୍ୱାରା ଅନୁମୋଦିତ ମୂଲ୍ୟାୟନ ସମ୍ବନ୍ଧୀୟ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ, ତାହେଲେ ଏହି ବିଜ୍ଞାପନର ପ୍ରକାଶନ ଦିବସ ଠାରୁ ୧୫ ଦିନ ମଧ୍ୟରେ ଆପଣ ମୂଲ୍ୟାୟନ କମିଟି କିମ୍ବା ନିଜ ଅଞ୍ଚଳର ଉପନିବନ୍ଧକଙ୍କ ନିକଟରେ ଆନୁସାଙ୍ଗିକ କାଗଜାତ୍ ସହ ଅଭିଯୋଗ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ଜିଲ୍ଲା ନିବନ୍ଧକ ତଥା ଆବାହକ
ଜିଲ୍ଲା ମୂଲ୍ୟାୟନ କମିଟି, ମୟୂରଭଞ୍ଜ

ଜ୍ଞାପକ ସଂ ୩୭୭ /ନିବନ୍ଧନ ତା ୨୧/୦୭/୨୦୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲାଉପନିବନ୍ଧକ / ଜିଲ୍ଲାର ସମସ୍ତ ଉପନିବନ୍ଧକଙ୍କ ଅବଗତି ତଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ ସେମାନେ ଏହି ବିଜ୍ଞପ୍ତିକୁ ଦୃଷ୍ଟି ଆକର୍ଷକ ସ୍ଥାନରେ ପ୍ରଦର୍ଶନ କରିବେ ତଥା ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ପାଇଁ ଅନୁମୋଦିତ ମୂଲ୍ୟଗୁଡିକୁ ଉପଲବ୍ଧ କରାଇବେ ଏବଂ ଯଦି କିଛି ଆପତ୍ତି ଅଭିଯୋଗ ହସ୍ତଗତ ହୁଏ ତେବେ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ ।

ଏହାର ଏକକିତା ନକଲ ସମସ୍ତ ସଭ୍ୟ ମାନଙ୍କୁ ପ୍ରେରଣ କରାଗଲା ଏବଂ ଏହା ସେମାନଙ୍କର ବିଜ୍ଞାପନ ଫଳକରେ ପ୍ରଦର୍ଶିତ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲା ନିବନ୍ଧକ ତଥା ଆବାହକ
ଜିଲ୍ଲା ମୂଲ୍ୟାୟନ କମିଟି, ମୟୂରଭଞ୍ଜ

ଜ୍ଞାପକ ସଂ ୩୭୮ /ନିବନ୍ଧନ ତା ୨୧/୦୭/୨୦୨୫ ରିଖ

ଏହାର ଏକକିତା ନକଲ ନିବନ୍ଧନ ମହାନିରୀକ୍ଷକ, ଓଡିଶା, କଟକ / ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶାସନ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ନିବନ୍ଧକ ତଥା ଆବାହକ
ଜିଲ୍ଲା ମୂଲ୍ୟାୟନ କମିଟି, ମୟୂରଭଞ୍ଜ